ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)
ODISHA SECONDARY SCHOOL TEACHERS' ASSOCIATION (OSSTA)
NAYASARAK, CUTTACK - 753002 (ORISSA)
*REGISTERED UNDER "SOCIETIES REGISTRATION ACT XXI OF 1860", No. 474 / 11.*
AFFILIATED TO THE WORLD FEDERATION OF TEACHERS' UNION-FISE-AIFEA & STFI
OSSTA
Gram : OSSTA, ☎ : 0671 - 2516826 / 2520550, Fax : 2518868, ✉ : gensecyossta@gmail.com

# ଓଷ୍ଟା ମେଧାବୃତ୍ତି ପରୀକ୍ଷା ୨୦୧୬-୧୭

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସବୁବର୍ଗର ହାଇସ୍କୁଲମାନଙ୍କର ପ୍ରଧାନଶିକ୍ଷକ / ପ୍ରଧାନଶିକ୍ଷୟିତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ OSSTA TALENT SEARCH EXAMINATION (OTSE) 2016-17 (ଓଷ୍ଟା ମେଧାବୃତ୍ତି ପରୀକ୍ଷା ୨୦୧୬-୧୭) ଆସନ୍ତା ତା ୧୩.୧୧.୨୦୧୬ ରିଖ (ରବିବାର) ଦିନ ରାଜ୍ୟର ସବୁ ଜିଲ୍ଲାରେ ବିଭିନ୍ନ କେନ୍ଦ୍ରରେ ଅନୁଷ୍ଠିତ ହେବ । ଏହି ପରୀକ୍ଷା ନିମିତ୍ତ ଗତ ୨୦୧୬ ମସିହା ଅଷ୍ଟମଶ୍ରେଣୀ ବାର୍ଷିକ ପରୀକ୍ଷାରେ ଶତକଡ଼ା ୬୦ ପ୍ରତିଶତ (୬୦%) କିମ୍ବା ତଦୁର୍ଦ୍ଧ୍ୱ ନମ୍ବର ରଖି ନବମ ଶ୍ରେଣୀକୁ ଉନ୍ନୀତ ହୋଇଥିବା ଛାତ୍ର/ଛାତ୍ରୀମାନେ ଏଥିସହ ସଂଯୁକ୍ତ ଆବେଦନ ପତ୍ରରେ ଆବେଦନ କରିପାରିବେ । ଆବଶ୍ୟକ ହେଲେ ଉକ୍ତ ଫର୍ମକୁ ଜେରକ୍ସ କରି ମଧ୍ୟ ବ୍ୟବହାର କରାଯାଇପାରିବ କିମ୍ବା ଓଷ୍ଟାର ୱେବସାଇଟ୍ **(www.ossta.in)** ରୁ ଏହାକୁ ଡାଉନ୍‌ଲୋଡ଼ କରିପାରିବେ । ସଠିକ୍ ଓ ସଂପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଫର୍ମ ସହିତ ଟ. ୧୦.୦୦ (ଦଶଟଙ୍କା) ଦେୟ ଓଷ୍ଟାର ସଂପୃକ୍ତ ବ୍ଲକ୍ ସଂପାଦକ/ ଜିଲ୍ଲା ସଂପାଦକଙ୍କ ନିକଟରେ ତା ୧୦.୧୦.୨୦୧୬ରିଖ ମଧ୍ୟରେ ଦାଖଲ କରିବାକୁ ହେବ । ଜିଲ୍ଲା ସଂପାଦକ ବନ୍ଧୁମାନେ ନିଜ ନିଜ ଜିଲ୍ଲାର ଫର୍ମଗୁଡ଼ିକୁ ଏକତ୍ର କରି ସମସ୍ତ ଦେୟ ସହିତ ଓଷ୍ଟା ଅଫିସ୍‌ରେ ତା **୧୫.୧୦.୨୦୧୬**ରିଖ ମଧ୍ୟରେ ଦାଖଲ କରିବେ । ଏହାପରେ କୌଣସି ଫର୍ମ ଗ୍ରହଣ କରାଯିବ ନାହିଁ । ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ପରୀକ୍ଷା ପାଇଁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଆବଶ୍ୟକୀୟ ସୂଚନା ପାଇଁ ସଂପୃକ୍ତ ଜିଲ୍ଲା ସଂପାଦକ, ବ୍ଲକ୍ ସଂପାଦକ କିମ୍ବା ନିମ୍ନ ଟେଲିଫୋନ୍‌ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**ମୋବାଇଲ ନଂ : ୯୪୩୭୪୫୪୨୬୨**

ଆପଣଙ୍କ ବିନୀତ

(ପ୍ରକାଶ ଚନ୍ଦ୍ର ମହାନ୍ତି)

**ସାଧାରଣ ସଂପାଦକ, ଓଷ୍ଟା**